ଶନିବାର, ୧୬ ମାର୍ଚ୍ଚ, ୨୦୨୪

# ପିଲାଙ୍କ ଧରିତ୍ରୀ





ଆଇନା : ଦିବ୍ୟାଂଶୀ

# ପାଣିର ମୂଲ୍ୟ ବୁଝ

ଗପ

ରାହୁଲ ପାଖ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢ଼େ। ରାହୁଲର ଗୋଟିଏ ଖରାପ ଗୁଣ ହେଲା ସେ ଆବଶ୍ୟକତାଠାରୁ ଅଧିକ ପାଣି ନଷ୍ଟ କରେ। ଯିଏ ଯେତେ ଗାଳି ଦେଲେ ବି କିଛି ଫରକ ପଡ଼େନି। ସେଦିନ ବାପାଙ୍କ ସହିତ ବସ୍‌ରେ ଗାଁରୁ ଫେରୁଥାଏ। ଗାଡ଼ି ଚାଲିଥାଏ ମହାନଦୀ ବ୍ରିଜ୍ ଉପରେ। ଘର ଆଉ ଅଳ୍ପ ବାଟ। ରାହୁଲ କହିଲା ବାପା ଦେଖ ମହାନଦୀରେ କେତେ କମ୍ ପାଣି। ଜଣେ ଚାହିଁଲେ ନଦୀ ଭିତରେ ଚାଲିକି ଏ କୂଳରୁ ସେ କୂଳକୁ ଚାଲିଯିବ। ଏତିକି କହି ରାହୁଲ ହସିଲା।



ବାପା କହିଲେ, ଖରାଦିନ ଆରମ୍ଭ ପୂର୍ବରୁ ମହାନଦୀରେ ପାଣି କମିଲାଣି। ଜାଣିଚୁ ମହାନଦୀରେ ପାଣି କମିଲେ ଆମ ସମସ୍ତଙ୍କ ପାଇଁ କେତେ ସମସ୍ୟା ସୃଷ୍ଟି ହେବ। ଆଉ ମହାନଦୀର ଉପର ମୁଣ୍ଡରେ ଯେଉଁ ବ୍ୟାରେଜ୍ ନିର୍ମାଣ ହୋଇଛି, ସେ ଲାଗି ଏପଟେ ଧୀରେ ଧୀରେ ପାଣି କମି ଯାଉଛି। ରାହୁଲ ପ୍ରଶ୍ନ କଲା ମହାନଦୀ ଆମର କି ଉପକାର କରୁଚି ଯେ ? ବାପା କହିଲେ ଆମେ ଘରେ ଯେଉଁ ବିଶୁଦ୍ଧ ଜଳ ପାଉଛୁ ଏହା ମହାନଦୀ ଲାଗି ସମ୍ଭବ ହେଉଛି। ରାହୁଲ ପୁଣି କହିଲା, ମହାନଦୀ ତ ଆମ ଘରଠାରୁ ଏତେ ଦୂରରେ। ଆଉ ଆମେ ଯେଉଁ ପାଣି ବ୍ୟବହାର କରୁଚୁ ସେ ମ୍ୟୁନିସିପାଲିଟି କଳରୁ ପାଉଛୁ। ବାପା କହିଲେ, ଆରେ ବୋକା ଆମେ କଳରୁ ଯୋଉ ପାଣି ପାଉଛୁ ତାହା ଭୂପୃଷ୍ଠରୁ ମୋଟର ଯୋଗେ ସଂଗ୍ରହ ହୋଇଥାଏ। ଆମ ଆଖ ପାଖର ଥିବା ନଦୀ, ପୋଖରୀ ଓ କେନାଲଗୁଡ଼ିକ ଭୂପୃଷ୍ଠର ଜଳସ୍ତରକୁ ଠିକ୍ ରଖିଥାନ୍ତି। ଏଣୁ ଭୂପୃଷ୍ଠରୁ ମୋଟର ଯୋଗେ ଜଳ ସଂଗ୍ରହ କରିବା ସମ୍ଭବ ହୁଏ। ବାପାଙ୍କ କଥା ଧୀରେ ଧୀରେ ରାହୁଲ ବୁଝିପାରୁଥାଏ। ବାପା ପୁଣି କହିଲେ ମହାନଦୀର ଜଳ କମିବା ଆଦୌ ଶୁଭ ସଙ୍କେତ ନୁହେଁ। ନଦୀର ପାଣି କମିଲେ ସହର ଆଖପାଖରେ ପାଣି ସମସ୍ୟା ସୃଷ୍ଟି ହେବ। ମୁଁ ତତେ ସବୁବେଳେ ବୁଝାଏ ପାଣି ବହୁତ ମୂଲ୍ୟବାନ। ପାଣିର ମୂଲ ସଭିଙ୍କୁ ବୁଝିବାକୁ ହେବ। ଏବେଠାରୁ ପାଣି ସଞ୍ଚୟ ନ କଲେ ଆଗକୁ ବଡ଼ ସମସ୍ୟା ସୃଷ୍ଟି ହେବ। ରାହୁଲ ବସ୍ ଝରକା ବାହାରକୁ ଚାହିଁ ଏଣୁତେଣୁ ଗପିଲା। ଏଣୁ ବାପା ଆଉ କିଛି ନ କହି ଚୁପ୍ ରହିଲେ।

ବସ୍‌ରୁ ଓହ୍ଲାଇ ରାହୁଲ ବାପାଙ୍କ ସହିତ ଅଟୋରେ ବସିଲା। ଅଟୋରେ ବସୁବସୁ ରାହୁଲ ତା' ପାଣି ବୋତଲରେ ଗାଁରୁ ଆଣିଥିବା ସବୁତକ ପାଣି ରାସ୍ତାରେ ଢାଳି ଦେଲା। ବାପା ବିରକ୍ତ ହୋଇ କହିଲେ ଆରେ ପାଣି କାହିଁକି ନଷ୍ଟ କରୁଚୁ। ନ ପିଇଲୁ ଯଦି କୌଣସି ଗଛ ମୂଳରେ ତ ଢାଳି ଦେଇ ପାରିଥାନ୍ତୁ। ପାଣି ବହୁତ ମୂଲ୍ୟବାନ। ଘରକୁ ଆସିବା ବେଳକୁ ଲାଇନ କଟି ଯାଇଥାଏ। ବୋଉ ପାଣି ଟୋପେ ଦେଲୁ ମୋ ତଣ୍ଟି ଶୁଖିଗଲାଣି ରାହୁଲ ଡାକ ଦେଲା। ବୋଉ କହିଲେ, ଆରେ ରାହୁଲ ଲାଇନ୍ ବା ସକାଳୁ କଟିଲାଣି। ମୁଁ କୋଉଠି ଟିକେ ହେଲେ ପାଣି ରଖିପାରିନି। ବାପା କହିଲେ ଦେଖିଲୁ ତ, ସେତେବେଳେ ତୁ ପାଣି ନଷ୍ଟ କଲୁ ଆଉ ଏବେ ପୁଣି ପାଣି କୋଉଠୁ ଆସିବ, ଅପେକ୍ଷା କର ଲାଇନ୍ ଆସିବା ପର୍ଯ୍ୟନ୍ତ। ରାହୁଲ ଏବେ ତା' ଭୁଲ୍ ବୁଝିଲା। ବାପାଙ୍କୁ କହିଲା ବାପା ମୁଁ ଆଉ କେବେ ବି ପାଣି ନଷ୍ଟ କରିବି ନାହିଁ। ପାଣି ସତରେ ବହୁତ ମୂଲ୍ୟବାନ। କଥା ନ ସରଣୁ ଲାଇନ୍ ଆସିଗଲା। ବାପା କହିଲେ ହେଇ ଦେଖ ଠିକ୍ ସମୟରେ ଲାଇନ୍ ଆସିଗଲା। ରାହୁଲ ତରତର ହୋଇ ତା' ବୋତଲଟା ଧରି କଳ ପାଖକୁ ଧାଇଁଲା।

**– ଦେବେନ୍ଦ୍ର କର**
ମଙ୍ଗଳାବାଗ, କଟକ
ମୋ: ୯୯୩୭୯୬୩୯୧୦

## ଖିଲି ଖିଲି ହସ

(ଡାକ୍ତର–ରୋଗୀ ମଧ୍ୟରେ କଥାବାର୍ତ୍ତା)
ଡାକ୍ତର: ତୁମ ଶରୀର ପୂରା ଦୁର୍ବଳ ହୋଇଯାଇଛି। ତୁମେ ଯେଉଁ ଫଳ ଖାଉଛ, ଚୋପା ସହିତ ଖାଇବ।
ରୋଗୀ: ଆଜ୍ଞା ସାର୍।
ଘଣ୍ଟାଏ ପରେ ପୁଣି ଥରେ ରୋଗୀ ଡାକ୍ତରଙ୍କ ନିକଟକୁ ଆସି କହିଲେ– ମୋ ପେଟ କ'ଣ ହୋଇଯାଉଛି। ମୁଁ କ'ଣ କରିବି କିଛି ଜାଣିପାରୁନି।
ଡାକ୍ତର: କ'ଣ ଖାଇଲ କି ?
ରୋଗୀ: ସାର୍, ମୁଁ ନଡ଼ିଆ ସହିତ ତା' ଶଢ଼େଇ ଖାଇଲି।

---

କ୍ଲାସ୍‌ରେ ଶିକ୍ଷକ ପଢ଼ାଉଥିବା ସମୟରେ ପିଲାମାନଙ୍କୁ ପଚାରିଲେ, ଆଚ୍ଛା ପିଲାମାନେ, କହିଲ ଜହ୍ନରେ କିଏ ପ୍ରଥମ ପାଦ ରଖିଥିଲେ ?
ଛାତ୍ର: ନିଲ୍ ଆର୍ମଷ୍ଟ୍ରଙ୍ଗ।
ଶିକ୍ଷକ: ତେବେ ଦ୍ୱିତୀୟ ପାଦ କିଏ ରଖିଥିଲେ ?
ଛାତ୍ର: ଦ୍ୱିତୀୟ ପାଦ ସିଏ ହିଁ ରଖିଥିବେ।

---

ଶିକ୍ଷକ: ଗୋଟିଏ ସ୍ତ୍ରୀଲୋକ ଯଦି ଏକ ଘଣ୍ଟାରେ ୫୦ଟି ରୁଟି କରିପାରିବେ, ତେବେ ତିନୋଟି ସ୍ତ୍ରୀ ଲୋକ ଏକଘଣ୍ଟାରେ କେତୋଟି ରୁଟି କରିବେ ?
ଛାତ୍ର: ସାର୍ ଜମା ବି ରୁଟି କରିପାରିବେନି।
ଶିକ୍ଷକ: ଏମିତି କାହିଁକି ?
ଛାତ୍ର: ସେ ଏକୁଟିଆ ଥିଲେ ବୋଲି ସବୁ କାମ କରିଦେଉଥିଲେ, ଆଉ ତିନିଜଣ ମିଶି ଖାଲି ତ ଗପିବେ ଆଉ ରୁଟି କେମିତି କରିବେ ?

## ମତାମତ

▶▶ ଗପରେ 'ସିନୁର ପରୀକ୍ଷା ଚିନ୍ତା' ପାଠଟି ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇଛି । ଏହି ପୃଷ୍ଠାରେ ପ୍ରକାଶିତ 'ଲୁହରୁ ବି ଔଷଧ ପ୍ରସ୍ତୁତ ହେବ' ତାହା ଜାଣି ଆଶ୍ଚର୍ଯ୍ୟ ହୋଇଗଲି।

**– ରତ୍ନାକର ବିଶ୍ୱାଳ, ନୟାଗଡ଼**

▶▶ 'ଜଣା ଅଜଣା' ପୃଷ୍ଠାରୁ ମୟୂର, ଶାନ୍ତିପୂର୍ଣ୍ଣ ସହର ପରି କେତୋଟି ବିଷୟ ସମ୍ପର୍କରେ ଜାଣିହେଲା।

**– ରାହୁଲ ମହାନ୍ତି, ରାଜକନିକା,କେନ୍ଦ୍ରାପଡ଼ା**

▶▶ 'କହିଲ ଦେଖି' ପଢ଼ିବାକୁ ଭଲ ଲାଗୁଛି। ଏମିତି ମଜାଳିଆ ବିଷୟରେ ପ୍ରକାଶିତ କରିବାକୁ ଅନୁରୋଧ।

**– ସୁନୟନା ରାଉତ, ଖଣ୍ଡଗିରି, ଭୁବନେଶ୍ୱର**

## ରଙ୍ଗ ଦିଅ



# କେବଳ ବର୍ଷାଜଳ

ଶୋଷ ମେଣ୍ଟାଇବା ପାଇଁ ପଶୁପକ୍ଷୀମାନେ ନଦୀ, ଝରଣା, ପୋଖରୀ ଆଦିର ପାଣି ପିଇଥାନ୍ତି। କିନ୍ତୁ ଏମିତି ଏକ ପକ୍ଷୀ ଅଛି ଯିଏ କେବଳ ବର୍ଷାପାଣିରେ ହିଁ ଶୋଷ ମେଣ୍ଟାଏ। ବର୍ଷାପାଣି ବିନା ଅନ୍ୟ କୌଣସି ସ୍ଥାନରୁ ଜଳ ଗ୍ରହଣ କରେନାହିଁ। ଏହି ବିଶେଷ ଧରଣର ପକ୍ଷୀ ହେଉଛି ଚାତକ।



ସୃଷ୍ଟିକର୍ତ୍ତାଙ୍କର ଅନେକ ବୈଚିତ୍ର ମଧ୍ୟରୁ ଅନ୍ୟତମ ଚାତକ ପକ୍ଷୀ। ବର୍ଷା ସହିତ ଏହି ପକ୍ଷୀର ଯେଉଁଭଳି ସମ୍ପର୍କ ରହିଛି ହୁଏତ ଅନ୍ୟ କାହାର ନ ଥିବ। ବର୍ଷସାରା କେବଳ ବର୍ଷାଜଳକୁ ହିଁ ଅପେକ୍ଷା କରି ରହିଥାଏ ଚାତକ।

ଆଫ୍ରିକା ଏବଂ ଏସିଆରେ ଏହି ପକ୍ଷୀ ବହୁ ସଂଖ୍ୟାରେ ଦେଖିବାକୁ ମିଳନ୍ତି। ତେବେ ବର୍ଷାଋତୁ ପୂର୍ବରୁ ଏମାନେ ଉତ୍ତର ଓ ମଧ୍ୟ ଭାରତର ବିଭିନ୍ନ ଅଞ୍ଚଳରେ ବର୍ଷାକୁ ସ୍ୱାଗତ କରିବା ପାଇଁ ପ୍ରାୟତଃ ଦେଖିବାକୁ ମିଳନ୍ତି। ତେଣୁ ଚାତକକୁ ଦେଖି ଲୋକେ ବର୍ଷା ଆସିବାର ସୂଚନା ପାଇଥାନ୍ତି। ଉତ୍ତରାଖଣ୍ଡରେ ମଧ୍ୟ ଏହି ପକ୍ଷୀ ବହୁ ସଂଖ୍ୟାରେ ଦେଖାଯାନ୍ତି।

ଏମାନେ ବସା ତିଆରି କରିପାରନ୍ତି ନାହିଁ ଏବଂ ନିଜ ଅଣ୍ଡାକୁ ଅନ୍ୟ ବସାରେ ଜନ୍ମ ଦେଇଥାନ୍ତି। ସେଥିପାଇଁ ଏମାନଙ୍କୁ ପରୋପଜୀବୀ ଶ୍ରେଣୀରେ ନିଆଯାଏ।

ଚାତକର ଉପରିଭାଗ ଦେଖିବାକୁ କଳା ଏବଂ ତଳ ଭାଗ ଧଳା ରଙ୍ଗର। ଆଖି ସାମାନ୍ୟ କଳା ହୋଇଥିବାବେଳେ ଥଣ୍ଟ ପୂରା କଳା। ପୌରାଣିକ ମାନ୍ୟତା ଅନୁସାରେ ସ୍ୱାତୀ ନକ୍ଷତ୍ରରେ ଯେଉଁ ବର୍ଷା ହୁଏ ଚାତକ ତାକୁ ସିଧାସଳଖ ନିଜ ଥଣ୍ଟରେ ନେଇ ପିଇଥାଏ।

ଚାତକ ଅତି ସ୍ୱାଭିମାନୀ ପକ୍ଷୀଟିଏ। କବି କାଳିଦାସଙ୍କ ମେଘଦୂତ କାବ୍ୟରେ ଚାତକ ପକ୍ଷୀକୁ ପ୍ରେମର ପ୍ରତୀକଭାବେ ବର୍ଣ୍ଣନା କରାଯାଇଛି।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

"ପାଠପଢ଼ା ହେଉ କି ନିଜର ପାରଦର୍ଶିତା ପ୍ରଦର୍ଶନ, ସବୁଥିରେ ପିଲାମାନଙ୍କର ମାନସିକତା ସକାରାତ୍ମକ ରହିବା ନିହାତି ଦରକାର। ଏ ନେଇ ସେମାନେ କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ସହଜରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ।"



# ପିଲାଙ୍କ ଦୃଢ଼ ମାନସିକତା ପାଇଁ..

ପିଲାମାନେ ନିଜ ଭାବନାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ। ବେଳେବେଳେ ଦେଖାଯାଏ ମା'ବାପାଙ୍କ ସାମ୍ନାରେ ପିଲାମାନେ ନିଜ ମନ କଥା ରଖିବା ସହ ଭାବପ୍ରବଣ ହୋଇଉଠନ୍ତି। କେତେକଙ୍କର ଏହା ଅଭ୍ୟାସରେ ପରିଣତ ହୋଇଯାଏ। ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡ଼ିଥାଏ। ତେବେ ନିଜ ମାନସିକତାକୁ ସବୁବେଳେ ଦୃଢ଼ ରଖିବା ସହଜ କଥା ନୁହେଁ। ତଥାପି ଏ ନେଇ ନିମ୍ନଲିଖିତ ଟିପ୍ସକୁ ଆପଣେଇ ପାରନ୍ତି...

■ ମନରେ କୌଣସି ବିଷୟକୁ ନେଇ ନକାରାତ୍ମକ ଭାବନା ଆଣନ୍ତୁ ନାହିଁ। କାରଣ ଏହା କ୍ୟାରିୟରକୁ ପ୍ରଭାବିତ କରିଥାଏ।

■ ପାଠପଢ଼ିବା ସମୟରେ ସବୁବେଳେ ମନକୁ ହାଲୁକା ରଖନ୍ତୁ। ଭାରାକ୍ରାନ୍ତ ମନ ନେଇ ପାଠ ପଢ଼ିଲେ ସେଥିରୁ କୌଣସି ମୂଲ୍ୟ ମିଳି ନ ଥାଏ।

■ ସବୁବେଳେ ରୁଟିନ୍ ଅନୁଯାୟୀ ପାଠ ପଢ଼ନ୍ତୁ। କାରଣ ଏହାଦ୍ୱାରା ମନ ଚାପମୁକ୍ତ ରହିଥାଏ।

■ ମନରେ କୌଣସି ପ୍ରଶ୍ନ ଉଙ୍କି ମାରିଲେ ତାହାକୁ ତୁରନ୍ତ ସମାଧାନ କରନ୍ତୁ। ନ ହେଲେ ସେଥିରେ ଗୋଳେଇ ଘାଣ୍ଟି ହେବା ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥାଏ।

■ ପାଠ ପଢ଼ିବା ସମୟରେ ସବୁବେଳେ ମନକୁ ପାଠରେ ହିଁ କେନ୍ଦ୍ରିତ ରଖନ୍ତୁ। ନ ହେଲେ ଏହାଦ୍ୱାରା ମାନସିକତାରେ ଅସନ୍ତୁଳନ ଦେଖାଯିବ।

■ ଆଉ ଏକ କଥା ହେଲା ଜୀବନଶୈଳୀ। ସବୁବେଳେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। ନ ହେଲେ କେଉଁ କାମ କେତେବେଳେ କରିବେ ସେ ବିଷୟରେ ଠିକ୍ ଭାବରେ ନିଷ୍ପତ୍ତି ନେବାରେ ବାଧା ସୃଷ୍ଟି ହେବ।

■ ମନ ଯଦି ଭାରାକ୍ରାନ୍ତ ରହୁଛି ତେବେ ସେଥିରୁ ମୁକ୍ତିଲାଭକୁ ଚେଷ୍ଟା କରନ୍ତୁ। ଅନ୍ୟ ପିଲାମାନେ ପାଠ ପଢ଼ିବା ସମୟରେ କିପରି ମନକୁ ହାଲୁକା ରଖୁଛନ୍ତି ତାହାକୁ ଫଲୋ କରିବାକୁ ଚେଷ୍ଟା କରନ୍ତୁ।

■ ଜଣେ ପିଲାର ମାନସିକତା କିପରି ଅଛି ତାହା ନିଜର କଥାବାର୍ତ୍ତା ଶୈଳୀରୁ ଜଣାପଡ଼ିଯାଏ। ସବୁବେଳେ ନମ୍ର ହେବାକୁ ଚେଷ୍ଟା କରନ୍ତୁ। ଏଭଳି କଥାବାର୍ତ୍ତା କରନ୍ତୁ ଯେମିତି ତୁମକୁ ଅନ୍ୟମାନେ ପ୍ରଶଂସା କରିବେ।

■ କେତେକ ପିଲା ଟିକେ ଟିକେ କଥାରେ ରାଗି ଯାଆନ୍ତି। ସବୁବେଳେ ଏପରି ସ୍ୱଭାବ ରୁହେ ଏହାଦ୍ୱାରା ମାନସିକତା ପ୍ରଭାବିତ ହୋଇଥାଏ। ତେଣୁ ଏଭଳି ମନୋଭାବରେ ପରିବର୍ତ୍ତନ ଆଣନ୍ତୁ।

■ ସବୁବେଳେ ଏପରି କଥା ଚିନ୍ତା କରନ୍ତୁ, ଯାହାଦ୍ୱାରା ଆପଣଙ୍କର ମନ ଖୁସିର ମାହୋଲରେ ରହିବ। ମନରେ ଆଡୁଆଡୁ ଚିନ୍ତା ରଖିଲେ ତାକୁ ନେଇ ମନ ଅଯଥା ଆନ୍ଦୋଳିତ ହୋଇଥାଏ।

■ ଯଦି ପାଠପଢ଼ା ହେଉ ଅବା ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ତାହାର କାରଣ ଖୋଜି ସମାଧାନ କରନ୍ତୁ। ଏ ନେଇ ମା-ବାପା କିମ୍ବା ସ୍କୁଲର ଶିକ୍ଷୟିତ୍ରୀ-ଶିକ୍ଷକଙ୍କ ସହ ପରାମର୍ଶ କରନ୍ତୁ।

■ ନକାରାତ୍ମକ ଭାବନାକୁ କିପରି ସକାରାତ୍ମକରେ ପରିଣତ କରିବେ ତାହାର କୌଶଳ ଶିଖନ୍ତୁ।

■ ସବୁବେଳେ ବର୍ତ୍ତମାନକୁ ଧ୍ୟାନ ଦିଅନ୍ତୁ। ଅତୀତରେ କ'ଣ ଘଟିଯାଇଛି, ଭବିଷ୍ୟତରେ କ'ଣ ଘଟିବ ସେ ବିଷୟରେ ଚିନ୍ତା କଲେ ଏସବୁ ବୋଝ ସଦୃଶ ଲାଗିଥାଏ। ତେଣୁ ସବୁବେଳେ ବର୍ତ୍ତମାନ କ'ଣ କରିବେ ସେ ନେଇ ଭଲ ଭାବରେ ଚିନ୍ତା କରି ଅଗ୍ରସର ହୁଅନ୍ତୁ।

■ ସବୁବେଳେ ଏପରି ପିଲାଙ୍କ ସହ ସାଙ୍ଗ ହୁଅନ୍ତୁ, ଯାହାଙ୍କ ନିକଟରୁ କିଛି ଭଲ କଥା ଶିଖିପାରିବେ।



## ସମସ୍ୟାକୁ କଦାପି ବୋଝ ବୋଲି ଭାବେନା



ମୁଁ ଏବେ ପାଠ ପଢ଼ୁଛି। ତେଣୁ ସବୁବେଳେ ମନ ପାଠରେ ହିଁ ରଖିଥାଏ। କ୍ୟାରିୟରରେ ସମସ୍ୟା ତ ନିଶ୍ଚୟ ଆସିବ। ହେଲେ ସେଗୁଡ଼ିକୁ ସାମ୍ନା କରିବା ସମୟରେ ମୁଁ ଆଦୌ ବିଚଳିତ ହୋଇ ନ ଥାଏ। ତାହାକୁ କଦାପି ବୋଝ ବୋଲି ଭାବେନା। କାରଣ ଯଦି ତାକୁ ନେଇ ଚିନ୍ତା କଲି ତେବେ ମୋର ପାଠପଢ଼ା ପ୍ରଭାବିତ ହେବ। ତେଣୁ ଏଭଳି ସମସ୍ୟାର କିପରି ସମାଧାନ କରିପାରିବି ସେଲାଗି ଚେଷ୍ଟା କରେ। ମୁଁ ଯଦି କୌଣସି ସମସ୍ୟାର ସମ୍ମୁଖୀନ ହେଲି ତେବେ ମା' ବାପାଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରିଥାଏ। ସବୁବେଳେ ମୋର ମାନସିକତା କିପରି ସକାରାତ୍ମକ ରହିବ ସେ ନେଇ ଚେଷ୍ଟିତ ଥାଏ।

**-ଶିବ ପ୍ରସାଦ କର,** କ୍ଲାସ-୯, ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟ, ବ୍ରହ୍ମଗିରି, ପୁରୀ

## କୌଣସି ସମସ୍ୟାକୁ ନେଇ ବିଚଳିତ ହୁଏନା



ମୁଁ କୌଣସି ସମସ୍ୟାକୁ ନେଇ କେବେ ବିଚଳିତ ହୁଏନା। ମୋ ପାଠପଢ଼ା ପ୍ରତି ମୁଁ ସବୁବେଳେ ସଚେତନ ଥାଏ। କିପରି ଠିକ୍ ସମୟରେ ହୋମ୍‌ୱାର୍କ କରିବି, ପରୀକ୍ଷା ବେଳେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହେବି ଏଥିପ୍ରତି ବେଶ୍ ସଚେତନ ଥାଏ। କୌଣସି ସମସ୍ୟାକୁ ସାମ୍ନା କରିବା ବେଳେ ଯଦି ଆମେ ତାକୁ ବୋଝ ବୋଲି ଭାବିନେବା ତେବେ ତାହା ଆମକୁ ଆହୁରି ଡରାଇବ। ତେଣୁ ମୁଁ ସେଭଳି ସମସ୍ୟାକୁ ସମାଧାନ କରି ତା'ଠାରୁ ଦୂରେଇ ରହିବାକୁ ଚେଷ୍ଟା କରିଥାଏ। ପାଠ ପଢ଼ିବା ହେଉ ଅବା ଅନ୍ୟ କୌଣସି କାମ କରିବା ସମୟରେ ମାନସିକତା କିପରି ସକାରାତ୍ମକ ରହିବ ସେଥିରେ କେବେ ଅବହେଳା କରେନା।

**-ଶାଶ୍ୱତ ରଞ୍ଜନ ଦାଶ,** କ୍ଲାସ-୭, ମହର୍ଷି ବିଦ୍ୟା ମନ୍ଦିର, ନୟାଗଡ଼

# ତୁମ ତୂଳୀରୁ

୧
ରିୟାନ୍ସ
ପଣ୍ଡା
କ୍ଲାସ– ୪, ନ୍ୟୁ
ହରାଇଜନ୍ ଗୁରୁକୁଳ,
ବେଙ୍ଗାଲୁରୁ





୨
ଜେ. ସାଇ
ସିଦ୍ଧାର୍ଥ
କ୍ଲାସ– ୩, ସେଣ୍ଟ
ଆର୍ନୋଲ୍ଡସ ଏଚ୍. ଏସ୍.
ସ୍କୁଲ, କଳିଙ୍ଗ ବିହାର,
ଭୁବନେଶ୍ୱର

୩
ଶିବାଂଶୀ
ଦାଶ
କ୍ଲାସ–୧, ସେଣ୍ଟ
ଯୋଶେଫ ଗାର୍ଲସ
ହାଇସ୍କୁଲ,
କଟକ





୪
ଅବିନଶ୍ୱର
ଦାଶ
କ୍ଲାସ– ୪, କଳିଙ୍ଗ
ଭ୍ୟାଲି ପବ୍ଲିକ ସ୍କୁଲ,
କୋଦାଳ,
ଗଞ୍ଜାମ

୫
ଆଦିତ୍ୟ ପଲାଇ
କ୍ଲାସ– ୩,
ଡିଏଭି ପବ୍ଲିକ୍
ସ୍କୁଲ୍, କଳିଙ୍ଗନଗର
ଭୁବନେଶ୍ୱର





୬
କୋମଲ
ପ୍ରିୟଦର୍ଶିନୀ ଦାଶ
କ୍ଲାସ– ୭, ଡିଏଭି
ପବ୍ଲିକ ସ୍କୁଲ, ସିଡିଏ,
କଟକ

୭
ଓମ୍ ଜିଗର
ପଟ୍ଟନାୟକ
କ୍ଲାସ–୯, ସେଣ୍ଟ
ଜାଭିଅର୍ସ ହାଇସ୍କୁଲ,
ଖଣ୍ଡଗିରି, ଭୁବନେଶ୍ୱର





୮
ଦିବ୍ୟାଂଶୀ
ଦେବିଦର୍ଶୀ
କ୍ଲାସ– ୭, ସେଣ୍ଟ
ଅର୍ନୋଲ୍ଡସ୍ ହାୟର
ସେକଣ୍ଡାରୀ ସ୍କୁଲ,
କଳିଙ୍ଗବିହାର,
ଭୁବନେଶ୍ୱର



୧



୨



୩



୪



୫



୬



୭



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଖେଳନା କାର୍ ଚଳାଇ ରେକର୍ଡ



ରେକର୍ଡ କରିବା ନିଶାରେ ବେଳେବେଳେ ଲୋକେ ଅଜବ କାମ ସବୁ କରିବସନ୍ତି। ଏମିତି କିଛି କାମ କରିଛନ୍ତି ଜର୍ମାନୀର ଜଣେ ଇଞ୍ଜିନିୟର ଛାତ୍ର ମାର୍ସିଲ୍ ପାଉଲ୍। ଫୁଲ୍ଡା ୟୁନିଭର୍ସିଟି ଅଫ୍ ଆପ୍ଲାଏଡ୍ ସାଇନ୍ସେସ୍‌ରେ ସେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଛାତ୍ର। ଏକ ଖେଳନା କାର୍‌କୁ ସେ ଇଲେକ୍ଟ୍ରିକ୍ ଗାଡ଼ିରେ ରୂପାନ୍ତରିତ କରିଛନ୍ତି, ଆଉ ତାକୁ ନିଜେ କିଛି ବାଟ ଚଳାଇଛନ୍ତି। ଏମିତି ଅଜବ କାମ ପାଇଁ ଏବେ ସେ ଗିନିଜ୍ ରେକର୍ଡ କରିପାରିଛନ୍ତି। ମାର୍କେଲ କାର୍‌କୁ ପରିବର୍ତ୍ତନ କରି ଏହାକୁ ଦ୍ରୁତ ଗତିରେ ଚଲାଇ ଏହି ରେକର୍ଡ କରିଛନ୍ତି। ଘଣ୍ଟା ପ୍ରତି ୧୪୮.୪୫୪ କିଲୋମିଟର ବେଗରେ ସେ ଚଲାଇଛନ୍ତି। ଖେଳନା କାର୍ ହୋଇଥିବାରୁ ଏହା ଉପରେ ସେ ଶୋଇ ରହିବା ଭଳି ରହି ଗାଡ଼ି ଚଳାଇଥିଲେ। ତେବେ ଏଭଳି ଏକ ରେକର୍ଡ କରିବା ପାଇଁ ସେ ୧୦ ମାସ ତଳୁ ଅଭ୍ୟାସ କରୁଥିଲେ। ଶେଷରେ ରେକର୍ଡ କରିବାରେ ସକ୍ଷମ ହୋଇଥିବାରୁ ବେଶ୍ ଖୁସି ହୋଇଛନ୍ତି।



## ଆସ ପଢ଼ିବା

ଆସ ପଢ଼ିବା ଦେଶ ଗଢ଼ିବା
ନୂଆ ନୂଆ କେତେ କଥା ଜାଣିବା,
ପାଠ ପଢ଼ି ଆମେ ଶିକ୍ଷିତ ହେବା
ଦେଶ ଜାତି ପାଇଁ ନାଁ କରିବା।
ପଢ଼ିବା ଏକ ଭଲ ଅଭ୍ୟାସ
ସୁଖ, ଦୁଃଖରେ ସେ ଆମ ଆଶ
ଚିରଦିନ ପାଇଁ ସେ ଆମ ସାଥୀ
ତା'ପରି ସାଥୀ ନାହିଁ କେଉଁଠି
ପାଠ ପଢ଼ି ଭଲ ମଣିଷ ହେବା
ଭୁଲ ଠିକ୍ ସବୁ ଜାଣି ପାରିବା
ପଢ଼ିବା ବଢ଼ିବା ଆଗକୁ
ବିଶ୍ୱ ଦରବାରେ ପହଞ୍ଚାଇବା ଦେଶକୁ
ପଛ ଘୁଞ୍ଚା ଦେବାନି କେବେ ପଢ଼ିବା ପାଇଁ
ଯିଏ ପଢ଼ିଛି ସିଏ ହେଉଛି ସବୁଠି ବିଜୟୀ।

**–ଡ. ସଦାବିହାରୀ ସାହୁ**
ମୋ: ୯୪୧୫୪୦୨୫୮୦



## କବିତା

## ହେବି ଉତ୍ତମ ଛାତ୍ର

ବିଦ୍ୟାଳୟ ପୁଣ୍ୟ ଶିକ୍ଷାକ୍ଷେତ୍ର
ପଠନ ମୋହର ମୂଳମନ୍ତ୍ର,
ଧ୍ୟାନରେ ଏକାଗ୍ର ରଖି ନେତ୍ର
ହେବି ମୁଁ ଉତ୍ତମ ଛାତ୍ର।
ଶୃଙ୍ଖଳା ଅଟଇ ମୋର ଅସ୍ତ୍ର
ପ୍ରାଞ୍ଜଳ କରି ବୁଝିବି ଶାସ୍ତ୍ର,
ସତ୍ୟ କଥା କହିବି ସର୍ବତ୍ର
ସବୁରି ହେବି ମୁଁ ପ୍ରିୟପାତ୍ର।
ହୋଇ ଶାନ୍ତଶିଷ୍ଟ ନମ୍ର ଭଦ୍ର
ନିଷ୍ଠାରେ ରହିବି ଦିବାରାତ୍ର,
ଏଇ ମୋର ଲକ୍ଷ୍ୟ ଏକମାତ୍ର
ହେବି ମୁଁ ଏକ ଉତ୍ତମ ଛାତ୍ର।

**–ନୂତନ କୁମାର ବେହେରା**
କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## ମାଟି ଆମ ମାଆ

ଜନ୍ମଠାରୁ ମରଣ ଯାଏ
ହୁଏ ଆମକୁ ସାହା,
ମା' ପରି ସିଏ ଆଦରି ନିଏ,
କୋଳରେ ତାହାର ଖେଳାଇ ବୁଲାଇ
ଛୋଟରୁ ବଡ଼ ସେ କରିଥାଏ।
ରହିବା ପାଇଁ ବାସ ଯୋଗାଏ,
ଖାଇବା ପାଇଁ ସେ ଆହାର ଯୋଗାଇ
ଦୁଃଖ ସୁଖ ସବୁ ସହିଯାଏ।
ଆମ ପାଇଁ ସିଏ କଷ୍ଟ ସହେ,
ସାର, ବିଷ ଜ୍ୱାଳା ସହି ଯାଇ ସିଏ
କେତେ ଫୁଲ ଫଳ ଫଳାଇ ଥାଏ।
ଆସ ସଭିଏ ନେବା ଶପଥ,
ପ୍ରଦୂଷଣ ମୁକ୍ତ ପରିବେଶ ସାଥେ
ମାଟିକୁ କରିବା ଅଳିଆ ମୁକ୍ତ।

**–ଡ. ସୀତାକାନ୍ତ ତ୍ରିପାଠୀ**
ଅର୍ଣ୍ଣପାଳ, ଭଦ୍ରକ

## ଗଛଟିଏ

ସ୍ରଷ୍ଟ କର୍ତ୍ତାଙ୍କ ଶ୍ରେଷ୍ଠ ସୃଷ୍ଟିଟିଏ
ପରୋପକାର ପାଇଁ ଜନ୍ମ ମୋର
ମତେ ମାର ନାହିଁ ମତେ କାଟ ନାହିଁ
ମୁଁ ତୁମର ମଙ୍ଗଳ କାମି ମିତଟିଏ।
ଫଳ ଦିଏ ମୁଁ ଫୁଲ ଦିଏ
ଜୀବଜନ୍ତୁଙ୍କୁ ଆଶ୍ରୟ ଦିଏ
ପରିବେଶ ପାଇଁ କଳ୍ପବୃକ୍ଷ
ଜନ୍ମ ସମୟରେ ଥାଏ, ମୃତ୍ୟୁ ପରେ ବି



ତୁମ ସାଥେ ମୁଁ ପାଉଁଶ ହୁଏ।
ତୁମ ସେବା ପାଇଁ ଜନମ ମୋର
ମତେ ବୁଝିବାକୁ ଚେଷ୍ଟା କର
ମୁଁ ତୁମର ଶୁଭଚିନ୍ତକଟିଏ।

**– କାଳି ଦାସ**
ବ୍ରହ୍ମପୁର, ଖୋଡ଼ାସିଙ୍ଗ,
କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

## ଏଥରର



- ଭାରତର ଜାତୀୟ ନଦୀ ?
- ଶାନ୍ତିର ପ୍ରତୀକଭାବେ କେଉଁ ରଙ୍ଗକୁ ଗ୍ରହଣ କରାଯାଏ ?
- 'ମାଲଗୁଡ଼ି ଡେଜ୍' ପୁସ୍ତକର ଲେଖକ ?
- ସୂର୍ଯ୍ୟୋଦୟର ଦେଶ କାହାକୁ କୁହାଯାଏ ?
- ବାୟୁର ବେଗ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?

## ଗତଥରର

- ୩
- ଆଖି
- ୩
- ନେପାଳ
- ୫

## କହିଲ ଦେଖି

ଲାଲ ଟହଟହ ରଙ୍ଗରେ ସିଏ
ପଥିକ ମନକୁ ଭୁଲାଇ ଦିଏ
ଫଗୁଣ ମାସର ଶୋଭା ବଢ଼ାଏ
ବାସ ନାହିଁ ତା'ର ପାଏନା ଆଦର
ଫୁଲଟିର ନାଆଁ ଏବେ କହିଦିଅ ?



**ଉତ୍ତର– ପଳାଶ ଫୁଲ**

ସୁନ୍ଦର ପଣରେ କେ ହେବ ସରି
ହଳଦିଆ ରଙ୍ଗ ପାଖୁଡ଼ା ଧରି
ସୂର୍ଯ୍ୟଙ୍କ ଆଡ଼କୁ ମୁହଁଟି କରି
ଚାହିଁ ରହିଥାଏ ପ୍ରେମିକା ପରି
ତା' ମଞ୍ଜିରେ ତେଲ ରହିଛି ଭରି
ନାଆଁ କହିଦେବ କିଏ ତାହାରି ?



**ଉତ୍ତର – ସୂର୍ଯ୍ୟମୁଖୀ ଫୁଲ**

ତିନୋଟି ଅକ୍ଷରେ ନାମ ତାହାର
ନାହିଁ ଯୁକ୍ତାକ୍ଷର ସେ ଶବ୍ଦଟିର
ଫୁଲ ଫୁଟିଥାଏ ବରଷ ସାରା
ଧଳାରଙ୍ଗ ଦିଶେ ଆହାଃ କି ତୋରା
ବାଡ଼ି ବଗିଚାରେ ଫୁଟେ
ବୁଦ୍ଧି ଖଟେଇକି ନାଆଁ କହିଦେଲେ
ରସଗୋଲା ଦେବି ଗୋଟେ !



**ଉତ୍ତର – ଟଗର ଫୁଲ**

**– ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬



# ଆମ ଉପଗ୍ରହ



"ଏଭଳି ଉପଗ୍ରହକୁ ଭୂପୃଷ୍ଠରୁ ପ୍ରାୟ ୩୬,୦୦୦ କି.ମି. ଉର୍ଦ୍ଧ୍ୱରେ ଆକାଶରେ ଅବସ୍ଥାପିତ କରାଯାଏ । ପୃଥିବୀସ୍ଥ କୌଣସି ପ୍ରେରକ କେନ୍ଦ୍ରରୁ  ଉପଗ୍ରହକୁ ଏକ ସଙ୍କେତ ପ୍ରେରଣ କରାଯାଏ ।  ଉପଗ୍ରହ ଏହାକୁ ଏକ ଦର୍ପଣ ସଦୃଶ ପୃଥିବୀ ଆଡକୁ ବଙ୍କେଇ ଦିଏ । ଫଳରେ ସଙ୍କେତ ଆବଶ୍ୟକ ସ୍ଥାନରେ ପହଞ୍ଚିପାରେ । ଆହୁରି ମଧ୍ୟ ଉପଗ୍ରହର ଅତ୍ୟଧିକ ଉଚ୍ଚତା ହେତୁ ଫେରନ୍ତା ସଙ୍କେତ ଭୂପୃଷ୍ଠରେ ପହଞ୍ଚିଲା ବେଳକୁ ଆକାରରେ ଯଥେଷ୍ଟ ବିସ୍ତାରିତ ହୋଇ ସାରିଥାଏ ।"



ଥରେ ମୁନା ଘରେ ଟିଭିରେ କ୍ରିକେଟ ମ୍ୟାଚ ଦେଖୁଥାଏ। ଖେଳର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତରେ  ହଠାତ ଟିଭି ପର୍ଦ୍ଦା ଉପରୁ ଛବି ଅପସରି ଯାଇ  ପର୍ଦ୍ଦା ସାଦା ହୋଇଗଲା । ବାପାଙ୍କ ସହିତ ବସି ଏ ପର୍ଯ୍ୟନ୍ତ ଏକ ଧ୍ୟାନରେ ଟିଭିରେ ଖେଳ ଦେଖୁଥିବା ମୁନା ଅଧୈର୍ଯ୍ୟ ହୋଇ ପଚାରିଲା, 'ବାପା, କ'ଣ ଲାଇନ କଟିଗଲା କି ?' ବାପା କହିଲେ, 'ଲାଇନ ତ  କଟି ଯାଇଥିଲେ ଟିଭିଟା  ପୂରା ବନ୍ଦ ହୋଇ ଯାଇଥାନ୍ତା । ଏଇ ଦେଖୁନୁ, ପର୍ଦ୍ଦା ଉପରେ କ'ଣ ସୂଚନା ଦିଆଯାଉଛି ।' ସତକୁସତ ପର୍ଦ୍ଦା ଉପରେ ସୂଚନା ଦିଆ ଯାଉଥିଲା, 'ଉପଗ୍ରହ ସହିତ ସଂଯୋଗ ବିଚ୍ଛିନ୍ନ ହେତୁ ପ୍ରସାରଣ ସାମୟିକ ପାଇଁ ବ୍ୟାହତ'। ମୁନା ରାଗିଯାଇ କହି ପକାଇଲା , 'ବଦମାସ ଉପଗ୍ରହଟା କ'ଣ ଠିକ  ଏତିକିବେଳେ ଦାଉ ସାଧିଲା । ଚାଲ, ତାକୁ ବାଡେଇ ଭାଙ୍ଗିଦେବା ।' ବାପା ହସିହସି କହିଲେ, 'ବୋକା, ଉପଗ୍ରହ ତ ରହିଲା ଆକାଶରେ, ଆଉ ଆମେ ତଳେ ଅର୍ଥାତ ପୃଥିବୀରେ । ତା'କୁ ବାଡେଇ ଭାଙ୍ଗିଦେବା କିପରି ? ତା' ଛଡ଼ା ଉପଗ୍ରହ ଆମର ଶତ୍ରୁ ନୁହେଁ, ବରଂ  ବନ୍ଧୁ ।' ମୁନାର ଆଶ୍ଚର୍ଯ୍ୟର ସୀମା ନଥାଏ । ସେ ପଚାରିଲା, 'ଉପଗ୍ରହ ଆମର ବନ୍ଧୁ ହେଲା କିପରି ? ସେ ଏମିତି ଆମର କ'ଣ ସବୁ ଉପକାର କରେ ?' 'ଉପଗ୍ରହ ଯୋଗୁ ତ ଆମେ ଆମ ଗାଁରେ ଘରେ ବସି ସୁଦୂର ଦକ୍ଷିଣ ଆଫ୍ରିକା ଦେଶରେ ହେଉଥିବା କ୍ରିକେଟ ଖେଳକୁ ଟିଭିରେ ସଙ୍ଗେସଙ୍ଗେ ଦେଖି ପାରୁଛେ ।' ବାପା ଉତ୍ତର ଦେଲେ ।

ମୁନା ତଥାପି ମଧ୍ୟ ବୁଝି ପାରୁ ନ ଥିଲା । ସେ ପୁଣି ପଚାରିଲା, 'ଆମେ ତ ରହିଲୁ ଆମ  ଗାଁରେ, ଖେଳ ହେଉଛି ବିଦେଶରେ ; ଆଉ ଉପଗ୍ରହ ଆକାଶରେ ଅଛି ବୋଲି କହିଲ । ତାହାଲେ ଉପଗ୍ରହ ଖେଳ ପ୍ରସାରଣରେ ସାହାଯ୍ୟ କରୁଛି କିପରି ?' 'ଭଲ କଥାଟିଏ ପଚାରିଲୁ । ତେବେ ଟିଭିରେ ଛବି ଆସିବା ପର୍ଯ୍ୟନ୍ତ ବୁଝାଇ କହୁଛି ଶୁଣ ।' ବାପା ଆରମ୍ଭ କଲେ । 'ପୃଥିବୀର ବର୍ତ୍ତୁଳ ଆକାର ହେତୁ ବେତାର ତରଙ୍ଗ ପୃଥିବୀପୃଷ୍ଠରେ ବେଶି ଦୂର ଯାଇପାରେ ନାହିଁ । ତେଣୁ ଦୂର ସ୍ଥାନମାନଙ୍କ ମଧ୍ୟରେ ଯୋଗାଯୋଗ ଉଦ୍ଦେଶ୍ୟରେ ସଙ୍କେତ ପ୍ରେରଣ କରିବା ପାଇଁ ଉପଗ୍ରହର ସାହାଯ୍ୟ ନିଆଯାଏ । ଏଭଳି ଉପଗ୍ରହକୁ ଭୂପୃଷ୍ଠରୁ ପ୍ରାୟ ୩୬,୦୦୦ କି.ମି. ଉର୍ଦ୍ଧ୍ୱରେ ଆକାଶରେ ଅବସ୍ଥାପିତ କରାଯାଏ । ପୃଥିବୀସ୍ଥ କୌଣସି ପ୍ରେରକ କେନ୍ଦ୍ରରୁ  ଉପଗ୍ରହକୁ  ଏକ ସଙ୍କେତ ପ୍ରେରଣ କରାଯାଏ ।  ଉପଗ୍ରହ ଏହାକୁ ଏକ ଦର୍ପଣ ସଦୃଶ ପୃଥିବୀ ଆଡକୁ ବଙ୍କେଇ ଦିଏ । ଫଳରେ ସଙ୍କେତ ଆବଶ୍ୟକ ସ୍ଥାନରେ ପହଞ୍ଚିପାରେ । ଆହୁରି ମଧ୍ୟ, ଉପଗ୍ରହର ଅତ୍ୟଧିକ ଉଚ୍ଚତା ହେତୁ ଫେରନ୍ତା ସଙ୍କେତ ଭୂପୃଷ୍ଠରେ ପହଞ୍ଚିଲା ବେଳକୁ ଆକାରରେ ଯଥେଷ୍ଟ ବିସ୍ତାରିତ ହୋଇ ସାରିଥାଏ । ଫଳରେ ଏକ ବିସ୍ତୃତ ଅଞ୍ଚଳ ଉପରେ ଯୋଗାଯୋଗ ବ୍ୟବସ୍ଥା ସ୍ଥାପିତ ହୋଇପାରେ । 'ଏଥର ବୁଝିଗଲି,' ମୁନା କହିଲା । ତେବେ ଉପଗ୍ରହଟା ଆକାଶରେ ରହି କ'ଣ କରୁଥାଏ ?' ସେ ପଚାରିଲା ।

'ଉପଗ୍ରହ ଆକାଶରେ ରହି ପୃଥିବୀ ଚାରିପଟେ ସବୁବେଳେ ଘୂରୁଥାଏ । ପୁଣି ଘୂରୁଥାଏ ପୃଥିବୀର ସମବେଗରେ । ଫଳରେ ଉପଗ୍ରହ ଏଣେତେଣେ ନଘୁଞ୍ଚି ପୃଥିବୀର କୌଣସି ଏକ ସ୍ଥାନ ଉପରେ ସ୍ଥିର ରହିଲା ପରି ଜଣାପଡେ ।' ବାପା ଉତ୍ତର ଦେଲେ 'ଉପଗ୍ରହଟା ତ ଆକାଶରେ ଗତି କରୁଛି, ପୁଣି ସ୍ଥିର ରହୁଛି କିପରି ?' ମୁନା ପଚାରିଲା ।

ବାପା କହିଲେ, 'ତୋର ମନେ ଥିବ  ଆମେ ଥରେ ବସରେ ବସି ଆମ ଗାଁରୁ  ଭୁବନେଶ୍ୱର ଯାଉଥିଲେ । ଯେତେବେଳେ ଆମ ବସ ଅନ୍ୟ ଏକ ଚଳନ୍ତା ବସକୁ ଅତିକ୍ରମ କରିଗଲା । ସେ ବସ୍‌ଟା କିଛି ସମୟ ପାଇଁ ସ୍ଥିର ରହିଲା ପରି ଜଣାପଡିଲା । ମନେ ଅଛି ନା ନାହିଁ ?'

ଠିକ ସେହିଭଳି ଗତି ପୃଥିବୀ ଓ ଉପଗ୍ରହ ମଧ୍ୟରେ ହେଉଥିବାରୁ ଉପଗ୍ରହଟା ଘୂରୁଥିଲେ ସୁଦ୍ଧା ଆମକୁ ସର୍ବଦା ସ୍ଥିର ରହୁଥିବାର ଜଣାପଡେ ।' ବାପା ପୁଣି ବୁଝେଇ କହିଲେ। ପୁଣି ମୁନା ପଚାରିଲା, 'ସ୍ଥିର ଥିବା କଥା ତ ବୁଝିଗଲି, ତେବେ ଉପଗ୍ରହଟା ସ୍ଥିର ନରହି ଏଣେତେଣେ ଗତି କରୁଥିଲେ ଆମର କି ଅସୁବିଧା ହୁଅନ୍ତା ?'

ବାପ ଉତ୍ତର ଦେଲେ, 'ଆମେ ସାଧାରଣତଃ ଆମ ଡିସ ଆଣ୍ଟିନାକୁ ଉପଗ୍ରହ ଆଡକୁ ମୁହାଁଇ ରଖି ସେଠାରୁ ଆସୁଥିବା  ସଙ୍କେତ ଗ୍ରହଣ କରିଥାଉ । ଉପଗ୍ରହ ଏକ ସ୍ଥାନରେ ନରହି ଏଣେତେଣେ  ଗତି କରୁଥିଲେ ଆମକୁ ଆଣ୍ଟିନା ବାରମ୍ବାର ଘୂରାଇବାକୁ ପଡୁଥାନ୍ତା ।'  ଏଥର ମୁନା ସବୁ ବୁଝି ପାରିଥିଲା । ଉପଗ୍ରହ ଯେ ସତରେ ଆମର ବନ୍ଧୁ ସେ ବିଷୟରେ ତା'ର ଆଉ କୌଣସି ସନ୍ଦେହ ନ ଥିଲା ।

**–ନିକୁଞ୍ଜ ବିହାରୀ ସାହୁ** , ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ

ମୋ : ୮୦୧୮୭୦୮୮୫୮

# ଆ ଇ ନା



ଦିବ୍ୟାଂଶୀ ଦାଶ
୧୧ ବର୍ଷ/ବାଲେଶ୍ୱର

ସାନଭୀ ସମ୍ପନ୍ନା
୭ ବର୍ଷ/ବ୍ରହ୍ମପୁର

